
# ରଥଯାତ୍ରା - ୨୦୧୯



## ମାନ୍ୟବର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ୨୦୧୯ର ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ

ସ୍ଥାନ :

ସମ୍ମିଳନୀ କକ୍ଷ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀ

ତାରିଖ : ୧୦ ଏପ୍ରିଲ, ୨୦୧୯ ମସିହା ଗୁରୁବାର

ସମୟ : ଅପରାହ୍ଣ ଘ୦୪.୦୦ଟିକା

## "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

ରଥଯାତ୍ରା ୨୦୧୯ ପ୍ରସ୍ତୁତି ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ ।

ସ୍ଥାନ : ସମ୍ମିଳନୀ କକ୍ଷ, ଗୋପବନ୍ଧୁ ଆର୍ଯ୍ୟୁବେଦ ମହାବିଦ୍ୟାଳୟ, ପୁରୀ

ତାରିଖ : ତା ୧୦.୦୪.୨୦୧୯

ସମୟ : ଅପରାହ୍ନ ଘ.୪.୦୦ ଟିକା

******************************************************************

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ଶ୍ରୀ ବଳଭଦ୍ର ମହାପ୍ରଭୁ, ଓ ପରମ କରୁଣାମୟୀ ମା ସୁଭଦ୍ରାଙ୍କର ବିଶ୍ୱ ପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚା ଯାତ୍ରା ତା ୪.୦୭.୨୦୧୯ ରିଖ ଓ ବାହୁଡା ଯାତ୍ରା ତା୧୨.୦୭.୨୦୧୯ ରିଖ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ରଥଯାତ୍ରାର ସୁବନ୍ଦୋବସ୍ତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବା ନିମନ୍ତେ ତା୧୦.୦୪.୨୦୧୯ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆରକ୍ଷୀ ମହାନିରୀକ୍ଷକ (କେନ୍ଦ୍ରାଞ୍ଚଳ), ଜିଲ୍ଲାପାଳ ପୁରୀ, ପ୍ରଶାସକ (ନୀତି), ଶ୍ରୀମନ୍ଦିର, ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପଦସ୍ଥ ଅଧିକାରୀ, ସେବାୟତ ଓ ପୁରୀ ସହରର ବିଶିଷ୍ଟ ନାଗରିକବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କର ତାଲିକା ପରିଶିଷ୍ଟ 'କ'ରେ ଦର୍ଶାଯାଇଅଛି ।

ସର୍ବ ପ୍ରଥମେ ସଭାପତି ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ, ଜିଲ୍ଲାପାଳ, ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସଫଳତା ଓ ଶାନ୍ତିଶୃଙ୍ଖଳତାର ସହ ସମ୍ପାଦନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରି ସଭା-କାର୍ଯ୍ୟ ଆରମ୍ଭ କରିଥିଲେ । ନିମ୍ନ ଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ସିଦ୍ଧାନ୍ତମାନ ଗ୍ରହଣ କରାଗଲା ।

### ୧. ରଥକାଠ ଯୋଗାଣ :

ରଥଯାତ୍ରା ସଂହିତାନୁଯାୟୀ ବନମଣ୍ଡଳ ଅଧିକାରୀ, ନୟାଗଡ ୮୬୫ ଖଣ୍ଡ କାଠ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ୬୦ ଖଣ୍ଡ ବହ୍ଲା, ୨୭୪ ଖଣ୍ଡ କଂଚାକାଠ ରଥ ନିର୍ମାଣ ନିମନ୍ତେ ଯୋଗାଇଥାନ୍ତି । ଗତବର୍ଷ ରଥ ନିର୍ମାଣ ପାଇଁ ନୟାଗଡ ବନଖଣ୍ଡ ଅଧିକାରୀ ଯୋଗାଇଥିବା କାଠରୁ ୧୯୫ ଖଣ୍ଡ ଉପଯୋଗୀ କାଠ ବଳକା ଅଛି । ଏହାକୁ ବାଦ୍ ଦେଇ ଅବଶିଷ୍ଟ ୬୭୦ ଖଣ୍ଡ ବିଭିନ୍ନ ପ୍ରଜାତିର କାଠ ଏ ବର୍ଷ ଯୋଗାଇବାକୁ ନୟାଗଡ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ମାନଙ୍କୁ ଶ୍ରୀ ମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଇଅଛି ଏବଂ ଇତି ମଧ୍ୟରେ ନୟଗଡ ବନଖଣ୍ଡ ଅଧିକାରୀ ମୋଟ ୩୨୩ ଖଣ୍ଡ କାଠ ପଠାଇଛନ୍ତି । ଅବଶିଷ୍ଟ କାଠ ଅକ୍ଷୟତୃତୀୟ ସୁଧା ଆସି ପହଞ୍ଚିବ ବୋଲି ଶ୍ରୀମନ୍ଦିର ପ୍ରଶାସକ (ନୀତି) ବୈଠକରେ ପ୍ରକାଶ କରିଥିଲେ ।

ସେହିଭଳି ଆବଶ୍ୟକତା ଅନୁଯାୟୀ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଚଳିତ ବର୍ଷ ୬ଫୁଟ ଗୋଲେଇର ୮୦ ଖଣ୍ଡ ମଇ, ସିମିଳ ଇତ୍ୟାଦି କାଠ ଓ ୨୦ ଖଣ୍ଡ ବହ୍ଲ ମିଶି ଏହିପରି ମୋଟ ୧୦୦ ଖଣ୍ଡ କାଠ ଯୋଗାଇବାକୁ ଅନୁରୋଧ କରାଯାଇଛି ।

ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କୌଣସି ଗଛ ନଥିବା ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବନଖଣ୍ଡ ଅଧିକାରୀ, ନୟାଗଡ଼ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ଲଗାଯାଇଥିବା ଗଛ ଗୁଡ଼ିକର ସ୍ଥିତାବସ୍ଥା ସମ୍ପର୍କରେ ଆସନ୍ତା ୨ୟ ସମନ୍ୱୟ ବୈଠକରେ ଗୃହକୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଏବଂ ଏହି ସମ୍ପର୍କରେ ଆଲୋଚନା ଆସନ୍ତା ବୈଠକରେ ହେବାପାଇଁ ଅଧକ୍ଷତା କରୁଥିବା କେନ୍ଦ୍ରାଞ୍ଚଳ, ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

*(କାର୍ଯ୍ୟାନୁଷ୍ଠାନ : ବନଖଣ୍ଡ ଅଧିକାରୀ, ନୟାଗଡ / ଖୋର୍ଦ୍ଧା/ବୌଦ୍ଧ ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ)*

## ୨. ରଥ ନିର୍ମାଣ:

କ) ତା ୦୭.୦୫.୧୯ ରିଖ ଠାରୁ ଅକ୍ଷୟତୃତୀୟା ଅବସରରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ରଥ ନିର୍ମାଣ ପାଇଁ ପରମ୍ପରା ପ୍ରକାରେ ଶ୍ରୀରାମ ନବମୀ ଅବସରରେ ଖପୁରିଆସ୍ଥିତ ଓ.ଏଫ୍.ଡି.ସି. କରତକଳରେ ରଥକାଠ ଚିରଟ ଅନୁକୂଳ ହୋଇ ସେଠାରେ ଚିରଟ ଚାଲୁରହିବ । ରଥନିର୍ମାଣ କାର୍ଯ୍ୟର ତଦାରଖ କରିବା ପାଇଁ ସଂପୃକ୍ତ ସେବକ, ସେବାୟତ, ବୈଷୟିକ ଓ ବନବିଭାଗ ଅଧିକାରୀଙ୍କୁ ନେଇ ଏକ କମିଟ ଶ୍ରୀ ମନ୍ଦିର ପ୍ରଶାସନ ଦ୍ୱାରା ଗଠନ କରାଯିବାପାଇଁ ସ୍ଥିର କରାଗଲା ।

### ଖ) ରଥଚକ ସୁଦୃଢ ବ୍ୟବସ୍ଥା :

ରଥଚକ ସୁଦୃଢ ଭାବେ ନିର୍ମାଣ ନିମନ୍ତେ ପୋଖତ କାଠ ବ୍ୟବହାର କରାଯିବ । ତୁମ୍ବର ଉଭୟପାର୍ଶ୍ୱରେ ଲୁହାର ଦ୍ୱୈତ ପଦାରୀ (ବଳା) ଦିଆଯିବ ଏବଂ ଅର ଓ ପହିର ସଂଯୋଗ ସ୍ଥାନରେ ଲୁହାର କ୍ଲାମ୍ପ ମାନ ଲଗାଯିବ । ଏହି ନିର୍ମାଣ କାର୍ଯ୍ୟକୁ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତଦାରଖ କରି ପ୍ରତି ସପ୍ତାହରେ ତାଙ୍କ ରିପୋର୍ଟ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବେ ।

### ଗ) ରଥଯାତ୍ରା ନିମନ୍ତେ ବିଭିନ୍ନ ଦ୍ରବ୍ୟ ଯୋଗାଣ :

ବିଗତ ବର୍ଷ ମାନଙ୍କ ପରି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ରଥକନା, ରଥ ଦଉଡ଼ି ସଂଗ୍ରହ କରିବା ସହିତ, ଉତ୍ତମମାନର ଝୁଣା, ଲାଗିଲୁଗା, ଚେହେଲି, ବନକଲାଗି ଦ୍ରବ୍ୟ, କସ୍ତୁରୀ, ବାସୁଙ୍ଗାପାଟ, ଚନ୍ଦନ କାଠ, ବିଜେ ଡୋରୀ ଇତ୍ୟାଦି ବ୍ୟବସ୍ଥା କରିବେ ।

*(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀ)*

### ୩. ରଥ ଟଣା:

ରଥଟଣା ସୁନିୟନ୍ତ୍ରିତ କରିବା ପାଇଁ ରଥରେ ଭୋଇ ସେବକ, ମହାରଣା, ବୈଷୟିକ ଓ ପ୍ରଶାସନିକ ଅଧିକାରୀ ମୁତୟନ ହେବେ ଏବଂ ନବଯୌବନ ଦର୍ଶନ ପୂର୍ବରୁ ମୁଖ୍ୟ ପ୍ରଶାସକ ସୁନିୟନ୍ତ୍ରିତ ରଥଟଣା ପାଇଁ ଆଲୋଚନା କରିବା ପାଇଁ ଅନୁରୋଧ କରାଗଲା ।

*(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ / ଆରକ୍ଷୀ ଅଧିକ୍ଷକ, ପୁରୀ/ଜିଲ୍ଲାପାଳ, ପୁରୀ/ ଅଧୀକ୍ଷଣ ଯନ୍ତ୍ରୀ, ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର)*

### ୪. ରଥଖଳା ପରିଷ୍କାର :

କ) ରଥଖଳାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ତାର ସଂଯୋଗ ପାଇଁ ଖୋଳା ଯାଉଥିବା ସ୍ଥାନକୁ ସମତୁଲ କରିବା ପାଇଁ ନିର୍ବାହୀ ଅଧିକାରୀ, ସେସୁ ଏବଂ ଜାତୀୟ ରାଜପଥ ଅଧିକାରୀଙ୍କୁ ନର୍ଦ୍ଦେଶ ଦିଆଗଲା । ଏତଦ୍ ବ୍ୟତୀତ ରଥଖଳା ପ୍ରତିଦିନ ପରିଷ୍କାର ରଖିବା ପାଇଁ ନିର୍ବାହୀ ଅଧିକାରୀ, ପୁରୀ ପୌର ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀମନ୍ଦିର ତରଫରୁ ଦୁଇଜଣ ସଫେଇ କର୍ମଚାରୀ ମୁତୟନ କରାଯିବ । ରଥଖଳା ପାଖରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅସ୍ଥାୟୀ ତମ୍ବୁ ସ୍ଥାପନ କରାଯାଇ ପାନୀୟ ଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ମୁତୟନ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରାଯିବ । ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କରିବେ ତା ସହିତ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗୋଟିଏ ପ୍ରାଥମିକ ଚିକିତ୍ସା ବକ୍ସ ପ୍ରଦାନ କରାଯିବ । ଶ୍ରୀମନ୍ଦିର ଆମ୍ବୁଲାନ୍ସ ମଧ୍ୟ ରଥଖଳା ନିକଟରେ ମୁତୟନ ହୋଇ ରହିବ । ରଥଖଳାକୁ ସଠିକ୍‌ଭାବେ ପ୍ରସ୍ତୁତ କରାଯିବ, ଯଦ୍ୱାରାକି ଯାନବାହନ ଚଳାଚଳରେ କୌଣସି ବ୍ୟାଘାତ ଆସିବ ନାହିଁ ।

ରଥଖଳା ନିକଟରେ ରଥକାଠ ରଖାଯିବା ପାଇଁ ଉପଆରକ୍ଷୀ ଅଧିକ୍ଷକ୍, ସହରାଞ୍ଚଳ, ପୁରୀ/ ଭାରପ୍ରାପ୍ତ ନିରୀକ୍ଷକ, ସିଂହଦ୍ୱାର ଥାନାଙ୍କ ସହ ପରାମର୍ଶ କରାଯିବ ଯାହା ଫଳରେ ଟ୍ରାଫିକ୍ ବ୍ୟବସ୍ଥାରେ କୌଣସି ଅସୁବିଧା ହେବ ନାହିଁ ।

*(କାର୍ଯ୍ୟାନୁଷ୍ଠାନ : ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ/ ସେସୁ/ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ)*

### ୫- ନୀତି ସମ୍ପାଦନ :

ଆସନ୍ତା ତା୦୭.୦୫.୨୦୧୯ ରିଖ ଅକ୍ଷୟତୃତୀୟା ଠାରୁ ଶ୍ରୀଜୀଉମାନଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହେବା ସହ ଅନ୍ୟାନ୍ୟ ପର୍ବପର୍ବାଣୀ ଓ ରଥଯାତ୍ରା ନୀତି ନିମ୍ନରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସକ(ନୀତି) ସୂଚନା ଦେଇଥିଲେ ।

| ପର୍ବ | ତାରିଖ |
|---|---|
| କ. ଅକ୍ଷୟ ତୃତୀୟା | ତା ୦୭.୦୫.୨୦୧୯ ରିଖ |
| ଖ. ନିଳାଦ୍ରୀ ମହୋଦୟାଷ୍ଟମୀ | ତା ୧୨.୦୫.୨୦୧୯ ରିଖ |

| | |
|---|---|
| ଗ. ନୃସିଂହ ଜନ୍ମ | ତା ୧୭.୦୫.୨୦୧୯ ରିଖ |
| ଘ. ଭଉଁରୀ ଯାତ୍ରା | ତା ୨୬.୦୫.୨୦୧୯ ରିଖ |
| ଙ. ରାଜେନ୍ଦ୍ରାଭିଷେକ | ତା ୧୨.୦୬.୨୦୧୯ ରିଖ |
| ଚ. ରୁକ୍ମିଣୀ ହରଣ ଏକାଦଶୀ | ତା ୧୩.୦୬.୨୦୧୯ ରିଖ |
| ଛ. ଚମ୍ପକ ଦ୍ୱାଦଶୀ | ତା ୧୪.୦୬.୨୦୧୯ ରିଖ |
| ଜ. ଦଇତାପତି ପ୍ରବେଶ ଓ ତାରାବନ୍ଧା | ତା ୧୫.୦୬.୨୦୧୯ ରିଖ |
| ଝ. ସେନାପଟାଲାଗି | ତା ୧୬.୦୬.୨୦୧୯ରିଖ |
| ଞ. ଦେବସ୍ନାନ ପୂର୍ଣ୍ଣିମା | ତା ୧୭.୦୬.୨୦୧୯ ରିଖ |
| ଟ. ଅନସର ଦଶମୀ (ଚକାବିଜେ) | ତା ୨୮.୦୬.୨୦୧୯ ରିଖ |
| ଠ. ଖଳିଲାଗି ଏକାଦଶୀ | ତା ୨୯.୦୬.୨୦୧୯ ରିଖ |
| ଡ. ରାଜପ୍ରସାଦ ବିଜେ ଦ୍ୱାଦଶୀ | ତା ୩୦.୦୬.୨୦୧୯ ରିଖ |
| ଢ. ଘଣାଲାଗି | ତା ୦୧.୦୭.୨୦୧୯ ରିଖ |
| ଣ. ଅଣସର ଚତୁର୍ଦ୍ଦଶୀ (ବନକ ଲାଗି) | ତା ୦୨.୦୭.୨୦୧୯ ରିଖ |
| ତ. ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ | ତା ୦୩.୦୭.୨୦୧୯ ରିଖ |
| ଥ. ଶ୍ରୀ ଗୁଣ୍ଡିଚା ଓ ରଥଯାତ୍ରା | ତା ୦୪.୦୭.୨୦୧୯ରିଖ |
| ଦ. ହେରାପଞ୍ଚମୀ | ତା ୦୮.୦୭.୨୦୧୯ ରିଖ |
| ଧ. ଦକ୍ଷିଣ ମୋଡ | ତା ୦୯.୦୭.୨୦୧୯ ରିଖ |
| ନ. ସଂଧ୍ୟା ଦର୍ଶନ | ତା ୧୧.୦୭.୨୦୧୯ ରିଖ |
| ପ. ବାହୁଡାଯାତ୍ରା | ତା ୧୨.୦୭.୨୦୧୯ ରିଖ |
| ଫ. ସୁନାବେଶ | ତା ୧୩.୦୭.୨୦୧୯ରିଖ |
| ବ. ଅଧର ପଣା ନୀତି | ତା ୧୪.୦୭.୨୦୧୯ ରିଖ |
| ଭ. ନିଳାଦ୍ରୀ ବିଜେ | ତା ୧୫.୦୭.୨୦୧୯ ରିଖ |

ଉପରୋକ୍ତ ନୀତି, ପରିଚାଳନା କମିଟିର ବୈଠକରେ ଅନୁମୋଦନ ହେବା ପରେ ପୁସ୍ତକ ଛପାଯାଇ ନିଯୋଗମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ ସୂଚାଇ ଥିଲେ ।

*( କାର୍ଯ୍ୟାନୁଷ୍ଠାନ : ପ୍ରଶାସକ, ଶ୍ରୀ ମନ୍ଦିର ପୁରୀ)*

## ୬. ସ୍ୱାସ୍ଥ୍ୟ ସେବା :

ଚଳିତ ବର୍ଷ ରଥଯାତ୍ରାରେ ପୁରୀ ସହରକୁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ପ୍ରତିବର୍ଷ ପରି ବହୁ ସଂଖ୍ୟାରେ ଯାତ୍ରୀମାନଙ୍କର ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ସୁଚାରୁରୂପେ ଯୋଗାଇଦେବା ନିମନ୍ତେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ନିମ୍ନଲିଖିତ ପନ୍ଥା ଗ୍ରହଣ କରୁଛନ୍ତିବୋଲି ପ୍ରକାଶ କରିଥିଲେ ।

* ପୁରୀ ସହରର ସମସ୍ତ ପାନୀୟ ଜଳ ଉତ୍ସଗୁଡିକର ବିଶୋଧନ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ଏବଂ ଜୁନ୍ ୩୦ ତାରିଖ ସୁଦ୍ଧା ଏହା ଶେଷ ହେବ ।

* ଗୋପବନ୍ଧୁ ମହାବିଦ୍ୟାଳୟରେ ଜଳନମୁନା ପରୀକ୍ଷାଗାର ତା୧୭.୦୬.୨୦୧୯ ରିଖରୁ ତା ୧୪.୦୭.୨୦୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

* ବଡ଼ଦାଣ୍ଡରେ ଏବଂ ପୁରୀ ସହରର ପାଶ୍ୱବର୍ତ୍ତୀ ଅଞ୍ଚଳରେ ମୋଟ ୩୦ ଗୋଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ସଭାରେ ଆଲୋଚନା ପରେ ନିଷତ୍ତି ନିଆଗଲା ଯେ ଗତବର୍ଷର ଆଶୁଚିକିତ୍ସା କେନ୍ଦ୍ରର ସ୍ଥାନ ସମାନ ରହିବ ।

* ୩୦ ଗୋଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଘଠନରୁ ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହେବ ଏବଂ ଏହା ପୋଲିସ ସହାୟତା ଏବଂ ତଦାରଖରେ ଚଳପ୍ରଚଳ କରିବ । ଗତବର୍ଷପରି ଏହି ବର୍ଷ ମଧ୍ୟ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ ।

* ଚଳିତ ବର୍ଷ ରଥଯାତ୍ରା ନିମିତ୍ତ ପୁରୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଡାକ୍ତରଖାନାରେ ୧୦୭ ଗୋଟି ଅତିରିକ୍ତ ଶଯ୍ୟାର ବ୍ୟବସ୍ଥା କରାଯାଇଛି ।

* ୫୧ ଜଣ ବିଶେଷଜ୍ଞ ୧୩୬ ଜଣ ଡାକ୍ତର ଓ ୩୯୭ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ରଥଯାତ୍ରା ସମୟରେ ମୁତୟନ କରାଯିବ ।

* ଚଳିତ ବର୍ଷ ୨ଗୋଟି ଆଶୁଚିକିତ୍ସା ବିଭାଗ ଦିବାରାତ୍ର କାର୍ଯ୍ୟ କରିବ ।

* ୪ ଜଣ ଖାଦ୍ୟ ନିରୀକ୍ଷକ ରଥଯାତ୍ରା ଉପଲକ୍ଷେ ନିୟୋଜିତ ରହି ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରିବେ । କିନ୍ତୁ ସମୁଦ୍ରକୂଳ ତଥା ସ୍ୱର୍ଗଦ୍ୱାର ନିକଟରେ ବିକ୍ରୟ ହେଉଥିବା ଆମିଷ ଖାଦ୍ୟ ପଦାର୍ଥ ଗୁଡ଼ିକର ମାନ କଡାକଡି ଭାବେ ଯାଞ୍ଚ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

* ୪ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମୁତୟନ କରାଯାଇ ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଓ ବାହୁଡାଯାତ୍ରା ସମୟରେ ଖାଦ୍ୟ ଅପମିଶ୍ରଣରେ ତନଖି କରାଯିବାର ବ୍ୟବସ୍ଥା ହୋଇଛି । ସେମାନେ ତା୧୫.୦୬.୨୦୧୯ ରିଖରୁ ତା୧୮.୦୬.୨୦୧୯ ରିଖ ଏବଂ ୦୩.୦୭.୧୯ ରିଖ ରୁ ତା୧୪.୦୭.୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ସଂଧ୍ୟା ୫ ଘଟିକା ଠାରୁ ୧୧ ଘଟିକା ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

* ୨୦୦ ବୋତଲ ରକ୍ତ ମହଜୁଦ ରଖାଯିବ ।

* ଓ.ଆର୍.ଏସ୍., ହ୍ୟାଲୋଜେନ, ବ୍ଲିଚିଂ ପାଉଡର ଇତ୍ୟାଦିର ମହଜୁଦ୍ ପାଇଁ ବ୍ୟବସ୍ଥା କରାଯିବ ।

* ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ମଳ ନମୁନା ପରୀକ୍ଷାଗାର ତା୧୭.୦୬.୧୯ରିଖ ରୁ ତା୧୪.୦୭.୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

* ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଜଳମନୁନା ବିଶ୍ଳେଷଣଗାର ତା୧୭.୦୬.୨୦୧୯ରିଖ ରୁ ତା୧୪.୦୭.୨୦୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

* ସହରର ଜଳନମୁନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ମିଳିତ ଭାବେ ପରୀକ୍ଷା କରି ଏ ସଂକ୍ରାନ୍ତରେ ଏକ ମିଳିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

* ବିଗତ ବର୍ଷପରି ଚଳିତ ବର୍ଷ ଅଂଶୁଘାତ **(Heat Stroke)** କେନ୍ଦ୍ର କାର୍ଯ୍ୟକ୍ଷମ ହେବ ।

* ଆବଶ୍ୟକୀୟ ସମସ୍ତ ଡାକ୍ତରଙ୍କୁ ମେ ମାସ ଶେଷ ସୁଦ୍ଧା ପୁରୀ ଜିଲ୍ଲାରେ ମୁତୟନ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ରହିବା ପାଇଁ **CDMO** ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ବ୍ୟବସ୍ଥା କରିବେ ।

*(କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ/ ଖାଦ୍ୟ ନିରୀକ୍ଷକ, ପୁରୀ/ଉପଖଣ୍ଡ ଅଧିକାରୀ, ଡି.ଇ.ଜି., ପୁରୀ )*

## (ଖ) ପରିମଳ ବ୍ୟବସ୍ଥା :

ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ/ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ସହରର ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ ଅତ୍ୟଧିକ ଯତ୍ନବାନ ହେବା ପାଇଁ ବୈଠକରେ ରାଜସ୍ୱ ଆୟୁକ୍ତ କଟକ ପରାମର୍ଶ ଦେଇଥିଲେ ।

* ବର୍ତ୍ତମାନ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କମିଟି ଗଠନ କରାଯାଇ ପୁରୀ ସହରର ସମସ୍ତ ଛୋଟ ବଡ଼ ନାଳ ସଫେଇ କାର୍ଯ୍ୟ ଚାଲୁରହିଛି ଏବଂ ଏହା ମେ ମାସ ସୁଦ୍ଧା ସରିବ ବୋଲି ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ପ୍ରକାଶ କରିଥିଲେ ।

* ବଡଦାଣ୍ଡର ଉଭୟ ପାର୍ଶ୍ୱ ନାଳ, ବଡ଼ଶଙ୍ଖ, ରେଡ୍‌କ୍ରସ ରୋଡ୍ ଠାରୁ ବାଙ୍କିମୁହାଣ ମୁଖ୍ୟ ନାଳ ଗୁଡ଼ିକ ସଫା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାଲିଗୁଡିକ ନିୟମିତ ଭାବରେ ସଫା କରାଯିବ । ତା' ପାଇଁ ଆବଶ୍ୟକ ସ୍ଥଳେ କର୍ମଚାରୀ ମୁତୟନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।

* ପୁରୀ ବଡ଼ଦାଣ୍ଡରେ ୧୩ ଗୋଟି ଜାଗାରେ ବର୍ଷାଜଳ ଜମୁଥିବାକୁ ଏହାକୁ ଦୃଷ୍ଟିରେ ରଖି ଅଧିକ ପମ୍ପ ସେଟ୍ ସର୍ବଦା ମୁତୟନ ରହିବ । ପମ୍ପସେଟ୍ ରହୁଥିବା ସମସ୍ତ ସ୍ଥାନରେ କର୍ମଚାରୀ ମୁତୟନ କରାଯିବ ।

* ପୁରୀ ସହର ତଥା ବଡ଼ଦାଣ୍ଡ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଇତ୍ୟାଦି ସ୍ଥାନକୁ ଦୈନିକ ସଫା ସୁତରା ରଖିବା ନିମନ୍ତେ ଅଧିକ କର୍ମଚାରୀ ମୁତୟନ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥାଙ୍କୁ ପରାମର୍ଶ ଦିଆଗଲା ।
* ନାଳ ଉପରେ ଥିବା କେତେକ ଜବରଦଖଲକୁ ଉଚ୍ଛେଦ କରି ନାଳ ସଫା କରାଯିବ ଏବଂ ଆବଶ୍ୟକ ଜାଗାରେ ସ୍ଲାବ୍ ପକାଇବା ପାଇଁ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା । ଯେଉଁ ଅଞ୍ଚଳ ଅବରୋଧ ମୁକ୍ତ କରାଯାଉଛି ତାହା ଯେପରି ପୁନର୍ବାର ଅବରୋଧ ନହୁଏ ଓ ଏଥିରେ କୌଣସି ତୃଟିବିଚ୍ୟୁତି ନହୁଏ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ ।
* ଶ୍ରୀମନ୍ଦିର ଚତୁଃପାର୍ଶରେ ଥିବା ଉଠାଦୋକାନୀ ଏବଂ ବଡ଼ ଦାଣ୍ଡ ଉଭୟ ପାର୍ଶ୍ୱନାଳ ଉପରେ ଥିବା ଉଠାଦୋକାନିଙ୍କୁ ଅପସାରଣ କରାଯିବ । ଏହାର ଅଗ୍ରଗତି ସମ୍ପର୍କରେ ପରବର୍ତ୍ତୀ ବୈଠକରେ ଆଲୋଚନା କରାଯିବ ।
* ପୁରୀ ସହରର ସାହି ଗଳି ରାସ୍ତାଗୁଡ଼ିକ ପ୍ରତ୍ୟେହ ସଫା କରିବା ପାଇଁ ୬୬୭ ଜଣ ସଫେଇ କର୍ମଚାରୀ ମୁତୟନ କରାଯାଇଛି
* ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ତଥା ସମୁଦ୍ରକୂଳ ଜାଗାକୁ ଜାଗୃତି ସଂସ୍ଥା ଯେପରି ଭଲ ଭାବରେ ପରିଷ୍କାର ରଖିବେ ତାହା ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାକୁ ବୈଠକରେ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ।
* ପୁରୀ ସହରରେ ଥିବା ୫ଗୋଟି ତୀର୍ଥ ପୁଷ୍କରିଣୀକୁ ସଫା କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା । ଉକ୍ତକାର୍ଯ୍ୟ ଚନ୍ଦନଯାତ୍ରା ପୂର୍ବରୁ ଶେଷ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।
* ୨୬୫ ଗୋଟି ଅସ୍ଥାୟୀ ପାଇଖାନା ଗାର ରଥଯାତ୍ରା ନିମନ୍ତେ ବ୍ୟବସ୍ଥା ହୋଇଛି । ଏହାର ପ୍ରତ୍ୟେହ ପରିଷ୍କାର କାର୍ଯ୍ୟ ନିମିତ୍ତ ଆବଶ୍ୟକ ସଫେଇ କର୍ମଚାରୀ ମୁତୟନ କରାଯିବ ।
* ୩୦୦ ଗୋଟି **Modular Toilet** ବଡ଼ଦାଣ୍ଡରେ ସ୍ଥାପନ କରାଯିବ ।
* ବଡଦାଣ୍ଡରୁ ଉଠାଦୋକାନୀମାନଙ୍କୁ ତା ୧୭.୦୬.୨୦୧୯ରିଖ ପୂର୍ବରୁ ଅପସାରଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।
* ଅସ୍ଥାୟୀ ପାଇଖାନାର ବ୍ୟବସ୍ଥା ପୌରସଂସ୍ଥା, ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।
* ବଡ଼ଦାଣ୍ଡରୁ ଗାଈଗୋରୁମାନଙ୍କୁ ତା୩୦.୦୫.୨୦୧୯ରିଖ ସୁଧା ଅପସାରଣ କରାଯିବ ଏବଂ ତାଙ୍କର ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଇତ୍ୟାଦି ଜିଲ୍ଲା ପଶୁଧନ ଅଧିକାରୀ ବ୍ୟବସ୍ଥା କରିବେ ।

*(କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧୀକ୍ଷକ, ପୁରୀ, ନିର୍ବାହୀ ଅଧିକାରୀ , ପୁରୀ ପୌର ପରିଷଦ/ ପ୍ରଶାସକ ଶ୍ରୀ ମନ୍ଦିର, ପୁରୀ/ ଜିଲ୍ଲା ପଶୁଧନ ଅଧିକାରୀ, ପୁରୀ )*

## ୭. ପାନୀୟ ଜଳ ଯୋଗାଣ :

ସହରର ବିଭିନ୍ନ ସ୍ଥାନରେ ୩୨ ଗୋଟି ଜଳପୂର୍ଣ୍ଣ ଟ୍ୟାଙ୍କର ଦ୍ୱାରା ରଥଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜାରି ରହିବ । ସେଥିମଧ୍ୟରୁ ୧୮ ଗୋଟି ବଡଦାଣ୍ଡରେ ନିୟୋଜିତ କରାଯିବ । ଏହା ବ୍ୟତୀତ ୩ଗୋଟି ଟ୍ୟାଙ୍କର ଯଥାକ୍ରମେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କ ରଥ ପଛେ

ପଛେ ରହି ଜଳ ଯୋଗାଣ ଜାରି ରଖିବେ । ଏତଦ୍ ବ୍ୟତୀତ ୨୦୦ ଗୋଟି ଷ୍ଟାଣ୍ଡ ପୋଷ୍ଟ, ୪୦ ଗୋଟି ହ୍ୟାଣ୍ଡ ପମ୍ପ ବଡ଼ଦାଣ୍ଡରେ ଲଗାଯିବା ନିମନ୍ତେ ସ୍ଥିର କରାଗଲା । ସହରର ଅବସ୍ଥାପିତ ସମସ୍ତ ପାଇପଲାଇନ, ଷ୍ଟାଣ୍ଡପଏଂଟ ଓ ନଳକୂପଗୁଡିକ ତୁରନ୍ତ ମରାମତି କରିବା ପାଇଁ ୬ଗୋଟି ଅସ୍ଥାୟୀ ଭ୍ରାମ୍ୟମାଣ ମରାମତି ଦଳ ଆବଶ୍ୟକ ଯନ୍ତ୍ରପାତି ସହ କାର୍ଯ୍ୟରତ ରହିବେ । ୨୫ ଗୋଟି ହ୍ୟାଣ୍ଡପମ୍ପ ସ୍ପ୍ରେୟାର ସାହାଯ୍ୟରେ ଜଳ ସିଂଚନର ବ୍ୟବସ୍ଥା କରାଯିବ । ପାଣି ଟାଙ୍କି ଓ ଜଳ ଉତ୍ସଗୁଡିକ ସଫା କରାଯିବ । ତାଳବଣିଆ ବସଷ୍ଟାଣ୍ଡରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ଏବଂ ପୋଲିସ ରହିବା ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବ । ପାନୀୟ ଜଳ ଯୋଗାଣ ସମ୍ବନ୍ଧେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବା ସହ ଆବଶ୍ୟକ କର୍ମଚାରୀ ମୁତୟନ କରାଯିବ । ସମୁଦ୍ରକୂଳରେ ପାଣିର ବ୍ୟବସ୍ଥାପାଇଁ ପାଇପ୍ ଲାଇନ ବିଛା ଯାଇଥିବାର ଓ ସମଙ୍ଗ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ଭୂପୃଷ୍ଠ ଜଳ ଯୋଗାଇବା ପାଇଁ ଚୂଡାନ୍ତ ବ୍ୟବସ୍ଥା ହୋଇଯାଇଥିବାର ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ପ୍ରକାଶ କରିଥିଲେ । ନୂତନ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦେଇ ହେବ ବୋଲି ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ କହିଥିଲେ । ରଥ ଯାତ୍ରା ପାଇଁ ସହର ମଧ୍ୟରେ ଥିବା ସମସ୍ତ ନଳକୂପର ୩ ଗୋଟି ପର୍ଯ୍ୟାୟରେ ବିଶୋଧନ କାର୍ଯ୍ୟ କରାଯିବ ।

ସମ୍ଭାବ୍ୟ ବିଦ୍ୟୁତ କାଟ ସମୟରେ ଚକ୍ରତୀର୍ଥ ଜଳ ଯୋଗାଣ କେନ୍ଦ୍ର, ବଳିଆପଣ୍ଡା ଜଳ ଯୋଗାଣ କେନ୍ଦ୍ର, ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଓ ଦୋଳବେଦୀ ଠାରେ ୨୫ ଗୋଟି ଜେନେରେଟର ରଖାଯାଇ ନିରବଛିନ୍ନ ଜଳ ଯୋଗାଣ ଜାରି ରଖାଯିବ । ଅଗ୍ନିଶମ ବିଭାଗ ଗାଡ଼ିଦ୍ୱାରା ରଥଯାତ୍ରା, ବାହୁଡ଼ା, ସୁନାବେଶ ଇତ୍ୟାଦି ଦିବସରେ ଜଳ ସିଞ୍ଚନ କରାଯିବ ।

* ପୁରୀ ସହରର ସମସ୍ତ ହୋଟେଲ, ଧର୍ମଶାଳା, କୂପ, ନଳକୂପ ଇତ୍ୟାଦିର ପାଣିର ନମୁନା ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ପୁରୀ/ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପୁରୀ )*

## ୮. ବିଦ୍ୟୁତ ଯୋଗାଣ :

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସେସୁ , ପୁରୀ ସହରକୁ ନିରବଛିନ୍ନ ବିଦ୍ୟୁତ୍ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ ପୁରୀ ଗ୍ରୀଡ୍, ସମଙ୍ଗରା, ଶାମୁକା ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି । ୩୦ ଗୋଟି ଫିଡରରେ ଯୋଗାଣ ଚାଲୁ ରହି ସବୁ ଗ୍ରୀଡ୍ ଷ୍ଟେସନ ସହ ସଂଯୋଗ କରାଯାଇଅଛି । ବର୍ତ୍ତମାନ ପୁରୀ ସହରରେ ନିରବିଛିନ୍ନ ବିଦ୍ୟୁତ ଯୋଗାଇବାରେ କୌଣସି ସମସ୍ୟା ନାହିଁ । ୬ଗୋଟି ପ୍ରାଇମ୍ ସବ-ଷ୍ଟେସନର ମରାମତି କାର୍ଯ୍ୟ ତା୩୦.୦୫.୨୦୧୯ରିଖରେ ଶେଷ ହେବ । ରଥଯାତ୍ରା ସମୟେ କୌଣସି ମତେ ବିଦ୍ୟୁତ୍ କାଟ ହେବ ନାହିଁ । ନାଲ୍‌କୋ ସଂସ୍ଥା ପୂର୍ବବର୍ଷ ପରି ଜେନେରେଟର ସେଟ୍ ଓ ସୁନାବେଶର ଲାଇଟ୍ ବ୍ୟବସ୍ଥା ଯୋଗାଇଦେବାକୁ ଅନୁରୋଧ କରାଯାଇଛି ବୋଲି ବୈଠକରେ ସେ ପ୍ରକାଶ କରିଥିଲେ ।

ରଥଟଣା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ରଥର ସମ୍ମୁଖ ଓ ପଶ୍ଚାତ୍ ଭାଗରେ ଜେନରେଟର ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ଜାରି ରଖାଯିବ । ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ସୁନାବେଶ ଓ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀ ଜୀଉ ମାନଙ୍କ ରଥ ଗୁଡିକ ଆଲୋକିତ କରିବାର

ବ୍ୟବସ୍ଥା କରାଯିବ । ୪ଗୋଟି **Volvo Generator Set**,ରଖାଯାଇ ବଡ଼ଦାଣ୍ଡ, ରଥ, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆଲୋକିତ କରାଯିବ । ୪୦ ଜଣ ଅଧିକାରୀ ଓ ୧୦୦ ଜଣ କର୍ମଚାରୀ ମରାମତି କାର୍ଯ୍ୟ ପାଇଁ ମୁତୟନ ରହିବେ । ୨ଗୋଟି **control Room** ଯଥା ତାଳବଣିଆ ଓ ଶରଧାବାଲିରେ ଖୋଲାଯିବ ।

ପୁରୀ ପୌରସଂସ୍ଥା ତରଫରୁ ୫୩୦ଗୋଟି **LED Light**, ୭୯୩ଗୋଟି ହାଲୋଜିନି ଓ ୫ଗୋଟି ଜେନେରେଟର ସେଟର ବ୍ୟବସ୍ଥା କରାଯାଉଛି ।

୧୭୨ଗୋଟି **High Mast Light**କୁ ତନଖି କରି ରଥଯାତ୍ରା ସମୟରେ ଉପଲବ୍ଧ କରିବେ ।

ତାଳବଣିଆ ରାସ୍ତାକୁ ଆଲୋକିତ କରିବା ପାଇଁ ନିର୍ବାହୀ ଅଧିକାରୀ ବିହିତ ପଦକ୍ଷେପ ଦେବେ ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ,*
*ପୁରୀ ପୌରସଂସ୍ଥା, ପୁରୀ /ଡି.ଜି.ଏମ୍, ସେସ୍କୋ)*

## ୯. (କ) ପରିବହନ ବ୍ୟବସ୍ଥା :

ଶ୍ରୀ ଶ୍ରୀ ଜିଉମାନଙ୍କର ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଦେଖିବା ଲାଗି ଲକ୍ଷାଧିକ ଯାତ୍ରୀଙ୍କ ଆଗମନ ଦୃଷ୍ଟିରୁ ସେମାନଙ୍କୁ ବସ୍ ସୁବିଧା ଯୋଗାଇ ଦେବା, ଭଡା ବୃଦ୍ଧିକୁ ରୋକିବା ଓ ଅତ୍ୟଧିକ ଯାତ୍ରୀ ପରିବହନକୁ ନିୟନ୍ତ୍ରଣ ନିମନ୍ତେ ପରିବହନ ଅଧିକାରୀ, ପୁରୀ ଓ ଭୁବନେଶ୍ୱର ବିହିତ ପଦକ୍ଷେପ ଗ୍ରହଣ କରିବେ ।

୧. ଅଧିକ ଯାତ୍ରୀ ପରିବହନ ନିମନ୍ତେ ଅଧିକ ସଂଖ୍ୟକ ବସ୍ ଚଳାଚଳର ବ୍ୟବସ୍ଥା କରାଯିବ । ଏଥିପାଇଁ କଟକ ଭୁବନେଶ୍ୱର-ପୁରୀ ମଧ୍ୟରେ ସ୍ୱତନ୍ତ୍ର ବସ ଚଳାଚଳର ଅନୁମତି ଦିଆଯିବାକୁ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଅନୁରୋଧ କରାଯିବ ।

୨. ସମ୍ଭାବ୍ୟ ଦୁର୍ଘଟଣାଜନିତ ଅସୁବିଧାର ମୁକାବିଲା ପାଇଁ ୪ଗୋଟି ଇଂଟର ସେପ୍ଟର ଓ ୨ ଗୋଟି କ୍ରେନ୍ ସ୍ନାନ ପୂର୍ଣ୍ଣିମା ନିମନ୍ତେ ଓ ୪ ଗୋଟି କ୍ରେନ୍ ରଥଯାତ୍ରା ନିମନ୍ତେ ମହଜୁଦ୍ ରଖିବା ବ୍ୟବସ୍ଥା କରାଯିବ ।

୩. ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ତାଳବଣିଆରେ ସୂଚନା ସେବାର ବ୍ୟବସ୍ଥା କରାଯିବ ଓ ସାମୟିକ ଆଶ୍ରୟସ୍ଥଳୀ ତିଆରି କରାଯିବ ।

୪. ଯାନଗୁଡ଼ିକର ଗତି ନିୟନ୍ତ୍ରଣ ପାଇଁ **Interceptor** ମୁତୟନ ତଥା ନିୟନ୍ତ୍ରଣ କକ୍ଷ ଓ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ବ୍ୟବସ୍ଥା ।

୫. ତାଳବଣିଆ ଓ ମାଳତୀପାଟପୁର ବସଷ୍ଟାଣ୍ଡରେ ଦିବାରାତ୍ରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ ।

୬. ରଥଯାତ୍ରା ସମୟରେ ଅଟୋରିକ୍ସା ଗୁଡିକ କେତେ ବାଟ ଯିବେ ତାହାର ସୀମା ନିର୍ଦ୍ଧାରଣ ନିମିତ୍ତ ଅଟୋଚାଳକ ସଂଘ ସହ ଏକ ବୈଠକ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ଅଧକ୍ଷତାରେ କରାଯିବ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସମସ୍ତ ଅଟୋରିକ୍ସାର ତାଲିକା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବେ ।

୭. ପୂର୍ବବର୍ଷ ପରି ଭିନ୍ନକ୍ଷମମାନଙ୍କ ପାଇଁ ରଥଯାତ୍ରା ଦିନ ଜଗନ୍ନାଥ ବଲ୍ଲଭ ଛାତରେ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ତାଳବଣିଆରୁ ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ **E.Auto Riekshaw** ର ବ୍ୟବସ୍ଥା/ **Dist. Social Security Officer** ବ୍ୟବସ୍ଥା କରିବେ । ତା' ସହିତ ମେଡିକାଲ ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ମଧ୍ୟ ଭିନ୍ନକ୍ଷମମାନଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଗାଡିମାନଙ୍କର ଚଳାଚଳ ପାଇଁ ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ ।

୮. ରଥଯାତ୍ରା ଓ ସୁନାବେଶ ଦିନ ଭି.ଆଇ.ପି. ତଥା ଉଚ୍ଚ ପଦାଧିକାରୀ ମାନଙ୍କ ଯାତାୟତ ପାଇଁ ୨୦ଟି ବେଟେରୀ ଚାଳିତ ଅଟୋର ବ୍ୟବସ୍ଥା ଆଞ୍ଚଳିକ ପରିବହନ ଅଧିକାରୀ କରିବେ । ଆବଶ୍ୟକ ଅର୍ଥ ପାଇଁ ପରିବହନ ବିଭାଗକୁ ଅନୁରୋଧ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧୀକ୍ଷକ, ପୁରୀ / ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ପୁରୀ*

*/ ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ,*

## (ଖ) ରେଳଦ୍ୱାରା ଗମନାଗମନ ବ୍ୟବସ୍ଥା :

ପୂର୍ବବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଅଧିକ ଯାତ୍ରୀ ପରିବହନକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ୧୮୭ ଗୋଟି ରେଳଗାଡିର ବ୍ୟବସ୍ଥା କରିବେ । ଷ୍ଟେସନ୍ ମାନଙ୍କରେ ପରିମଳ, ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ, ପାଇଖାନା ଓ ପରିଶ୍ରାଗାର ଆଦିର ବ୍ୟବସ୍ଥା କରିବେ । ରେଳଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆରକ୍ଷୀ ବାହିନୀ ମୁତୟନ କରିବେ । ଯାତ୍ରୀମାନଙ୍କୁ ସଚେତନତା ନିମନ୍ତେ ପ୍ରତ୍ୟେକ ଷ୍ଟେସନରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭଷାରେ ସୂଚନା ଦେବାର ବ୍ୟବସ୍ଥା କରାଯିବ । ରଥଟଣା ଓ ରଥ ଅବସ୍ଥାନ ପରେ ମୋଡ଼ ନିମନ୍ତେ ରେଲୱେ ଜ୍ୟାକ୍ ସହ ଅଭିଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିବେ । ପୁରୀ ଷ୍ଟସନ ପାଇଁ ଅଧିକ ୩୬ ଗୋଟି ଟିକେଟ ବୁକିଂ ଓ ଅନ୍ୟଷ୍ଟେସିନ ପାଇଁ ୨୪ଗୋଟି କାଉଣ୍ଟରର ବ୍ୟବସ୍ଥା କରାଯିବ । ଯାତ୍ରୀମାନଙ୍କ ସୁବିଧା ନିମନ୍ତେ **Automatic Ticket Vending machine** ବ୍ୟବସ୍ଥା କରାଯାଇଛି । ରେଳ ଚଳାଚଳ ସମୟସୂଚୀ ପ୍ରତ୍ୟେକ ରେଳ ଷ୍ଟେସନ୍‌ରେ, ସିଂହଦ୍ୱାର ନିକଟରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲାଗାଇବା ବ୍ୟବସ୍ଥା କରାଯିବ ।

*(କାର୍ଯ୍ୟାନୁଷ୍ଠାନ: ଡିଭିଜିନାଲ ମ୍ୟାନେଜର, ରେଲୱେ, ଖୋର୍ଦ୍ଧା/*

*ଷ୍ଟେସନ ମ୍ୟାନେଜର, ପୁରୀ ରେଳଷ୍ଟେସନ*

## ୧୦. ରାସ୍ତାଘାଟ ମରାମତି :

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ମଙ୍ଗଳାଘାଟ ଠାରୁ ଷ୍ଟରଲିନ୍ ହୋଟେଲ ପର୍ଯ୍ୟନ୍ତ ସାମୟିକ ଭାବରେ ବାମପାଖ ରାସ୍ତାନିର୍ମାଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସରିବ ବୋଲି **NHAI** ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ । ସୁଜାତାନଗର ପାଖରେ ଥିବା ନଳା ପୋଲକୁ ବର୍ଷାଦିନ ପୂର୍ବରୁ ଶେଷ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏତଦ୍‌ବ୍ୟତୀତ ପୁରୀ ମ୍ୟୁନିସିପାଲଟି, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ନିଜ ରାସ୍ତା ଗୁଡିକୁ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ମରାମତି କରି ସଡ଼କପଥକୁ ସୁଗମ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ । **NHAI** ରାସ୍ତାରେ **Safety \ Security** ପାଇଁ ସିଗ୍ନେଜ୍ ଲଗାଇବେ । ଜାତୀୟ ରାଜପଥରୁ ମୃତ ପଶୁ ଯଥା କୁକୁର ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ଏବଂ **NHAI** ର ଏକ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ କରିବାକୁ ବୈଠକରେ **NHAI** ପ୍ରତିନିଧିଙ୍କୁ ପରାମର୍ଶ ଦିଆଗଲା ।

ବାଟଗାଁ ଠାରୁ ଡ଼ାକ୍ତରଖାନା ଛକ ପର୍ଯ୍ୟନ୍ତ ରାସ୍ତାର ୨ପାଖିଆ ଚଉଡା କାର୍ଯ୍ୟ ତା ୧୫.୦୬.୨୦୧୯ ରିଖ ସୁଧା ଶେଷ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

ଡାକ୍ତରଖାନାଛକ - ସୁବାଷବୋଷ ଛକ, **PKDA** ଛକ-ଆଚାର୍ଯ୍ୟ ହରିହରଛକ, ରାମମନ୍ଦିର - ହେଲିପ୍ୟାଡ଼ ଛକ, ଆଚାର୍ଯ୍ୟ ହରିହରଛକ - ପ୍ରୀତି ହେଟେଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ତା ୧୫.୦୬.୨୦୧୯ରିଖ ସୁଧା ପୂର୍ତ୍ତବିଭାଗ ଶେଷ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

ପୁରୀ ପୌରସଂସ୍ଥା ଅଧିନରେ ଥିବା ରାସ୍ତାଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରି ଆବଶ୍ୟକ ମରାମତି କରିବେ ଏବଂ ଉକ୍ତ କାର୍ଯ୍ୟ ୧୫.୦୬.୨୦୧୯ରିଖ ସୁଧା ଶେଷ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ନିର୍ବାହୀଯନ୍ତ୍ରୀ, ଜାତୀୟ ରାଜପଥ ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ରାସ୍ତାକୁ ୩୦.୦୫.୨୦୧୯ ରିଖ ସୁଧା ସମାପ୍ତ କରିବେ ଏବଂ ଧଳା ଏନାମେଲ ରଙ୍ଗ ଲଗାଇବେ । ଏତତ୍ ବ୍ୟତୀତ ସିଂହଦ୍ୱାର ପାଖ ରଥ ରହିବା ସ୍ଥାନକୁ ମଧ ଧଳା ଏନାମେଲରେ ନିରୁପିତ କରିବେ ।

*(କାର୍ଯ୍ୟାନୁଷ୍ଠାନ:* **P.D. NHAI, BBSR,** *ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ଭୁବନେଶ୍ୱର, ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ଗୃହ ଓ ପୂର୍ତ୍ତବିଭାଗ)*

## ୧୧. ପାର୍କିଂ ବ୍ୟବସ୍ଥା

ରଥଯାତ୍ରା ସମୟରେ ଅଧିକ ଯାତ୍ରୀବାହି ୨ଚକିଆ, ୪ଚକିଆ ଯାନର ଆଗମନକୁ ଦୃଷ୍ଟିରେ ରଖି ଗାଡି ଗୁଡିକର ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା ଏବଂ ସୁଗତିଶୀଳତା ଯୋଜନା ପ୍ରସ୍ତୁତ କରିବା ପାଇଁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଓ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗକୁ  କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ । ମାଲତୀପାଟପୁର ବସ୍‌ଷ୍ଟାଣ୍ଡରେ ଭାରିଯାନ ଗୁଡିକର ପାର୍କିଂ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ କରାଯିବ । ପାର୍କିଂ ଯାଗା ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ପୌରସଂସ୍ଥା ଅଧିକାରୀ ଓ ପୂର୍ତ୍ତବିଭାଗ ମେ ମାସ ଶେଷ ସୁଧା ସମାପ୍ତ କରିବେ । ନିର୍ବାହ ଯନ୍ତ୍ରୀ, ରାସ୍ତା ଓଗୃହ, ପୁରୀ ତାଳବଣିଆ, ଭୁଦାନପାର୍କିଂ ଉପଯୋଗି କରିବେ । ରଥ ନିର୍ମାଣ ଏବଂ ଯାତ୍ରା ସମୟରେ ବଡ଼ ଦାଣ୍ଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ସାମନାରେ ଗାଡ଼ି ପାର୍କିଂ ହୋଇଥିବାରୁ ଜନସାଧାରଣଙ୍କ ଗମନାଗମନ ଅସୁବିଧା ହେଉଅଛି । ତେଣୁ ରାଜସ୍ୱ ଆୟୁକ୍ତ ପି.କେ.ଡ଼ି.ଏ ଅଧିକାରିଙ୍କୁ ସଂପୃକ୍ତ ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ରଥଯାତ୍ରା ଦିନ ଭିଆଇପି ପାର୍କିଂ ପାଇଁ ଏମାର ମଠ ଭିତରେ ବ୍ୟବସ୍ଥା କରିବା ପାଇଁ ନିର୍ବାହୀଯନ୍ତ୍ରୀ, ପୂର୍ତ୍ତବିଭାଗଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ଆଞ୍ଚଳିକ ପରିବହନ ଅଧିକାରୀ, ସଚିବ, ପିକେ ଡ଼ି.ଏ ପୁରୀ* ନିର୍ବାହୀଯନ୍ତ୍ରୀ, ପୂର୍ତ୍ତବିଭାଗ)

## ୧୨. ଶାନ୍ତି ଶୃଙ୍ଖଳା ରକ୍ଷା :

ବିଗତ ବର୍ଷଭଳି ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା , ନବଯୌବନ ଦର୍ଶନ, ଶ୍ରୀ ଗୁଣ୍ଡିଚା ଯାତ୍ରା, ସଂଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଇତ୍ୟାଦି ମୁଖ୍ୟ ପର୍ବରେ ଆରକ୍ଷୀ ବନ୍ଦୋବସ୍ତ କରାଯାଉଥିବା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ । ଶ୍ରୀ ଜୀଉଙ୍କର ତିନିଗୋଟି ରଥ

ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରହିଲା ପରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ଆରକ୍ଷୀ ଅଧିକ୍ଷକପ୍ରତିଶ୍ରୁତି ଦେଇଥିଲେ । ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଗ୍ରହଣ କରାଯିବ ।

କ) ଶ୍ରୀ ମନ୍ଦିର ଓ ଶ୍ରୀ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିର , ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ବଡଦାଣ୍ଡରେ ଥିବା ସି.ସି. ଟିଭି କ୍ୟାମେରା ମାଧମରେ ଅପରାଧ ନିୟନ୍ତ୍ରଣ କରାଯିବ ।

ଖ) ଯାତ୍ରୀ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଯାତ୍ରା ଦିନମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ସଂକୀର୍ତ୍ତନ ଦଳକୁ ମରିଚି କୋଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

ଘ) ଶ୍ରୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା କ୍ୟାବିନ୍ ଓ ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇ ଅବରୋଧ ମୁକ୍ତ କରାଯିବ ଏବଂ ନକଲି ଜୋତା ଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଯାନବାହନ ରଖିବା ଷ୍ଟାଣ୍ଡକୁ ଚେକ୍ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଥିଲା ।

ଙ) ଦୁର୍ଘଟଣାଗ୍ରସ୍ତ ଯାନ ଗୁଡିକର ତୁରନ୍ତ ଅପସାରଣ ନିମନ୍ତେ କ୍ରେନ ଓ ଟ୍ରାକ୍ଟର ବ୍ୟବସ୍ଥା ।

ଚ) କର୍ତ୍ତନ ପାଖରେ ଲୋକ ଜନସମାଗମ ହେଉଥିବାରୁ କୌଣସି ଅଘଟଣ/ ଦୁର୍ଘଟଣାକୁ ଏଡାଇବା ପାଇଁ ଦୋଳବେଦୀ ପର୍ଯ୍ୟନ୍ତ ଏକ **escape route** କରାଯିବ ।

ଝ) ଆରକ୍ଷୀ ଅଧିକ୍ଷକ ଜଣାଇଲେ ଯେ ଚଳିତବର୍ଷ ରଥଯାତ୍ରା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ଉନ୍ନତ ପାର୍କିଂ ବ୍ୟବସ୍ଥା କରାଯିବ ।

ଞ) ଶବ ନେଇ ଯାଉଥିବା କୌଣସି ଗାଡି ବା ଆମ୍ବୁଲାନ୍ସ ସିଂହଦ୍ୱାର ଦେଇ ଯାଇପାରିବେ ନାହିଁ ଏବଂ ସେହି ଗାଡିଗୁଡିକ **V.I.P** ରୋଡ ଦେଇ ସ୍ୱର୍ଗଦ୍ୱାର ଯିବେ ।

ଟ) ରଥଯାତ୍ରା, ସୁନାବେଶ ସମୟରେ ଆସୁଥିବା **V.I.P** ଗାଡି ଗୁଡିକର ପାର୍କିଂ ପାଇଁ ସୁବ୍ୟବସ୍ଥା କରିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା ।

ଠ) ରଥଯାତ୍ରା ସମୟରେ ରହିବା ନିମନ୍ତେ ଆରକ୍ଷୀ ବାହିନୀମାନଙ୍କ ଆବଶ୍ୟକ ସ୍କୁଲ, ପାଠାଗାର ଇତ୍ୟାଦିର ତାଲିକା ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି କରାଗଲା ।

ଡ) ସମୁଦ୍ରତଟ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ

ଢ) ୭ଗୋଟି **Temporary outpost** ପୁରୀ ସହର ମଧ୍ୟରେ କାର୍ଯ୍ୟକ୍ଷମ ହେବ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା,* **ADT, Puri**)

## ୧୩. ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ :

- ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କୁ ଓ ସହରର ଖାଉଟି ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦ୍ରବ୍ୟ ମହଜୁଦ୍ ରଖି ସୁବଣ୍ଟନ ବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଗାଡିମାନଙ୍କୁ ଆବଶ୍ୟକ ଅନୁମତି ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ କରାଯିବ ।

- ସମସ୍ତ ପେଟ୍ରୋଲ୍ ପମ୍ପଗୁଡ଼ିକୁ ଯାତ୍ରା ଦିବସମାନଙ୍କରେ ଅହୋରାତ୍ର ଖୋଲାରହିବ ଏବଂ ସେଠାରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ଅପମିଶ୍ରଣ ନିରାକରଣ ନିମନ୍ତେ ନିୟମିତ ବ୍ୟବଧାନରେ ଯାଞ୍ଚକାରୀ ଦଳ ତନଖି କରିବେ ।
- **Enforcement Squard** ଗଠନ କରି ଓ ଓଜନ ଦରଦାମ୍ ବୃଦ୍ଧି ରୋକିବା ସହ ଅପମିଶ୍ରଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବୈଠକରେ ଜିଲ୍ଲାଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ)*

(ଖ) ଜାଳେଣୀ କାଠ: ଓଡ଼ିଶା ବନବିଭାଗ ତରଫରୁ ପୁରୀ ସହରରେ ଜାଳେଣୀକାଠ ଓ ସ୍ୱର୍ଗଦ୍ୱାର ନିମନ୍ତେ ଯଥେଷ୍ଟ ପରିମାଣର କାଠ ମହଜୁଦ୍ କରାଯିବ ।

*(କାର୍ଯ୍ୟାନୁଷ୍ଠାନ: ଡିଭିଜିନାଲ ମ୍ୟାନେଜର, ବନବିଭାଗ, ପୁରୀ)*

## ୧୪. ଟେଲିଫୋନ୍ ସେବା

ଚଳିତ ବର୍ଷ ରଥଯାତ୍ରାକୁ ଅତ୍ୟଧିକ ଯାତ୍ରୀଙ୍କର ସମାଗମକୁ ଦୃଷ୍ଟିରେ ରଖି ଉତ୍ତମ ତାର ସେବା ଯୋଗାଇ ଦେବା ନିମନ୍ତେ ବଡଦାଣ୍ଡରେ ନୂତନ ଟାୱାର ବସାଯାଉଛି ଆଉ ନେଟୱର୍କ ଅସୁବିଧା ହେବ ନାହିଁ ବୋଲି ଟେଲିଫୋନ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ରଥଯାତ୍ରା ସମୟରେ ମୋବାଇଲ ଟେଲିଫୋନ୍‌ର ବିନା ବାଧା କାର୍ଯ୍ୟକ୍ଷମ ନିମନ୍ତେ ପଦକ୍ଷେପ ନେବେ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । ତତ୍‌ସଙ୍ଗେ ଅନ୍ୟସଂସ୍ଥା ମାନଙ୍କୁ ମଧ୍ୟ ନେଟୱାର୍କ ସଂପ୍ରସାରଣ ପାଇଁ ଅନୁମତି ଦିଆଯିବ ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନାଲ୍ ମ୍ୟାନେଜର, ଦୂରଭାଷ)*

## ୧୫. (କ) ସୂଚନା ଓ ପ୍ରସାର ବ୍ୟବସ୍ଥା

- ରଥଯାତ୍ରା ସମୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ଓ ତରଫରୁ ସଂପୃକ୍ତ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ଭୁବନେଶ୍ୱର ଦୂରଦର୍ଶନ ସଂସ୍ଥା ଓ କଟକ ଆକାଶବାଣୀ ସଂସ୍ଥା ଦ୍ୱାରା ଚଳିତ ବର୍ଷ ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ବ୍ୟବସ୍ଥା କରାଯାଉଛି । ସେମାନେ ଏମାରମଠ ସାମନା ରୋଡ ପାଖରେ ଥିବା ସ୍ଥାନକୁ ବ୍ୟବହାର ପାଇଁ ଅନୁମତି ଦିଆଯିବ ।
- ଅନ୍ୟାନ୍ୟ ଗଣମାଧ୍ୟମରେ ସୂଚନା ପ୍ରସାରଣ ସେବା ଯୋଗାଇ ଦିଆଯିବା ସମ୍ବନ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୧୧ ଗୋଟି ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରାଯିବା ସହିତ ପାର୍କିଂସ୍ଥାନ ଇତ୍ୟାଦି ପ୍ରମୁଖ ସ୍ଥାନରେ ସୂଚନା କେନ୍ଦ୍ର ଖୋଲାଯିବ ।
- ଯାତ୍ରୀମାନଙ୍କର ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ସମସ୍ତ ସୂଚନା କେନ୍ଦ୍ରରେ ପାଲା, ଦାଶକାଠିଆ, ଘୋଡାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପର୍ଯ୍ୟବେକ୍ଷଣ ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବ ।
- ଉତ୍କଳ ପ୍ରସଙ୍ଗ / ଓଡ଼ିଶା ରିଭ୍ୟୁ / ଜଗନ୍ନାଥ ଜଣାଣ ଓ ଓଡ଼ିଶା ରେଫରେନ୍ସ ଆନୁଆଲ ପୁସ୍ତକ ବିକ୍ରୟ ଏବଂ ରଥଯାତ୍ରା ଗାଇଡ୍ ବୁକ୍ ଓ ଲିଫ୍‌ଲେଟ୍ ମାଗଣାରେ ବଣ୍ଟନର ବ୍ୟବସ୍ଥା କରାଯିବ ।
- ଭଜନ ଓ ପ୍ରବଚନ ପରିବେଷଣର ବ୍ୟବସ୍ଥା କରାଯିବ ।
- ଏତଦ୍‌ବ୍ୟତୀତ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ସିଧାପ୍ରସାରଣ ନିମିତ୍ତ ସଂସ୍ଥାଗୁଡ଼ିକ ଜିଲ୍ଲା ସୂଚନା

ଓ ଲୋକସଂପର୍କ ବିଭାଗ ଅଧିନରେ ଦରଖାସ୍ତ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୁରୀ)*

**(ଖ) ପର୍ଯ୍ୟଟନ :**

ଚଳିତ ବର୍ଷ ରଥଯାତ୍ରା ସମୟରେ ବୀରହରେକୃଷ୍ଣପୁର, ଶରଧାବାଲି ଓ ତାଳବଣିଆ, ରେଳଷ୍ଟେସନ, ମହୋଦଧିମାର୍କେଟ, ପାନ୍ଥନିବାସ ଠାରେ ପର୍ଯ୍ୟଟନ ବିଭାଗ ତରଫରୁ ୫ଗୋଟି ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ O.T.D.C. ତରଫରୁ Special Package Tour Bus ସମ୍ବଲପୁର ଓ ଭୁବନେଶ୍ୱରରୁ କୋଣାର୍କ- ପୁରୀ ପର୍ଯ୍ୟନ୍ତ ପରିଭ୍ରମଣ ବ୍ୟବସ୍ଥା କରାଯିବ । ୩୦୦ ଲାଇଫ୍ ଗାର୍ଡଙ୍କ ପାଇଁ ପୋଷାକ ଯୋଗାଇ ଦିଆଯାଇ ସମୁଦ୍ରକୂଳ ଅଞ୍ଚଳରେ ମୁତୟନ କରାଯିବ । ବିଚ ଉନ୍ନୟନ କମିଟି ତରଫରୁ ୧୦୦ ଜଣ ଲାଇଫଗାର୍ଡ଼ଙ୍କୁ ଶ୍ରୀଗୁଣ୍ଡିଚା ,ବାହୁଡ଼ା ଓ ସୁନାବେଶ ଦିବସରେ ମୁତୟନ କରାଯିବ । ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଅଠରନଳା,ମଙ୍ଗଳାଘାଟ ଓ ବାଲିଘାଟ ଇତ୍ୟାଦି ସ୍ଥାନରେ Statistical servey କରାଯିବାର ବ୍ୟବସ୍ଥା ହେଉଛି ।

**(ଖ) ସାଂସ୍କୃତିକ କାର୍ଯ୍ୟକ୍ରମ :**

ରଥଯାତ୍ରା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ତା ୦୩.୦୭.୨୦୧୯ ରିଖଠାରୁ ୧୨.୦୭.୨୦୧୯ରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଘଣ୍ଟାଠାରୁ ରାତି ୧୦ଘଣ୍ଟା ମଧ୍ୟରେ ଲୋକନୃତ୍ୟ, ଲୋକ ସଂଗୀତ ଓଡ଼ିଶୀ, ଭଜନ ଓ ଗୀତିନାଟ୍ୟ ପାଲା, ଦାସକାଠିଆ, ଘୋଡାନାଚ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ବ୍ୟବସ୍ଥା ହୋଇଛି । ଉକ୍ତ କାର୍ଯ୍ୟ ଯେପରି ଆକର୍ଷଣୀୟ ଗୁଡିକର ହେବ ସେଥିପାଇଁ ସଂସ୍କୃତି ଅଧିକାରୀ, ପୁରୀଙ୍କୁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

*(ଜିଲ୍ଲା ପର୍ଯ୍ୟଟନ ଅଧିକାରୀ/ ସଂସ୍କୃତି ଅଧିକାରୀ/*
*ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ପୁରୀ)*

**୧୬. ପ୍ରଦର୍ଶନୀ :**

ପ୍ରତିବର୍ଷ ପରି ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ପୁରୁଣା ଜେଲ୍ ପଡିଆରେ ଓ.ର.ମା.ସ. ତରଫରୁ ରାଜ୍ୟ ତଥା ରାଜ୍ୟ ବାହାର କ୍ଷୁଦ୍ରଶିଳ୍ପ ଅନୁଷ୍ଠାନଙ୍କ ତରପରୁ ପ୍ରଦର୍ଶନର ମଣ୍ଡପ ଓ କ୍ଷୁଦ୍ରମୀନା ବଜାର ଖୋଲାଯିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ଏହା ପ୍ରତିଦିନ ରାତି ୧୧ଟା ସୁଧା ଜାରି ରହିବ । ପ୍ରଦର୍ଶନୀ ପଡ଼ିଆରେ ମହିଳା ଶୌଚାଳୟ ଖୋଲିବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ମେଳା ସମାପ୍ତିପରେ ପଡିଆ ସଫା କରିବା ଦାୟିତ୍ୱ ଓରମାସ ବହନ କରିବେ । ନିର୍ବାହୀ ଯନ୍ତ୍ରୀ, ଜାତୀୟରାଜପଥ, ପୂର୍ତ୍ତବିଭାଗ, ଜଳସେଚନ, ଡ୍ରେନେଜ୍ ପ୍ରତ୍ୟେକ ବିଭାଗ ପ୍ରଦର୍ଶନୀ ପଡିଆରେ ଆବଶ୍ୟକୀୟ ଖାଲୁଆଯାଗାରେ ବାଲି ପକାଇବେ । ପୁରୀ ପୌରସଂସ୍ଥା ଜେ.ସି.ବି. ଦ୍ୱାରା ବାଲିଗୁଡିକୁ ସମତୁଳ କରିବେ ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ନିର୍ଦ୍ଦେଶକ ଓରମାସ ଭୁବନେଶ୍ୱର,*
*ସଂସ୍ଥା ପୁରୀ/ ଜିଲ୍ଲା ଶିଳ୍ପ କେନ୍ଦ୍ର, ପୁରୀ/ )*

**୧୭. ସ୍ୱେଚ୍ଛାସେବା କାର୍ଯ୍ୟ:**

ପୂର୍ବ ବର୍ଷ ପରି ଚଳିତ ବର୍ଷ ଯାତ୍ରା ଦିନମାନଙ୍କରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ଓ ଯାତ୍ରୀମାନଙ୍କୁ ନିରାପତ୍ତା ଯୋଗାଇଦେବା ସହିତ ମନ୍ଦିର ପରିଷ୍କାର, ସହର ପରିମଳ, ଯାତ୍ରୀ ସୁରକ୍ଷା, ସମୁଦ୍ର ତଟ ପରିଷ୍କାର, ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଣ ଦୁର୍ଘଟଣାଗ୍ରସ୍ତ ଯାତ୍ରୀମାନଙ୍କୁ ସେବା ଶୁଶ୍ରୁଷା କରିବା ନିମିତ୍ତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବ ଏବଂ ପ୍ରତିଟି ବ୍ୟବସ୍ଥା ନିମନ୍ତେ ନୋଡାଲ ଅଧିକାରୀ

ରହିବେ । ରଥଯାତ୍ରା ସମୟରେ ସ୍ୱେଚ୍ଛାସେବୀ ସଂସ୍ଥାମାନେ କେଉଁ ସ୍ୱେଚ୍ଛାସେବା କାର୍ଯ୍ୟ କେଉଁ ସ୍ଥାନରେ କରିବେ ତାହା ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ସଂପୃକ୍ତ ନୋଡାଲ ଅଫିସରଙ୍କ ସହ ବୈଠକ କରି ସ୍ଥିର କରିବେ ଏବଂ ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ବୈଠକ କରାଯାଇ ଚୂଡାନ୍ତ କରାଯିବ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ, ପୁରୀ/ ଆରକ୍ଷୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, ପୁରୀପୌରସଂସ୍ଥା, ପୁରୀ/ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ/ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ ଡି.ଏସ୍.ଏମ୍.ଏସ୍,ପୁରୀ)*

**୧୮. ବଡ଼ଦାଣ୍ଡରୁ ବୁଲା ଗାଈ ଗୋରୁ ଷଣ୍ଢ ଅପସାରଣ:**

ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବଡ଼ଦାଣ୍ଡରେ ବୁଲୁଥିବା ଗାଇଗୋରୁ, ଷଣ୍ଢଙ୍କୁ ଅପସାରଣ କରି କାଞ୍ଜିଆହୁଦାରେ ଅଟକ ରଖିବା କାର୍ଯ୍ୟ ପୁରୀ ପୌରସଂସ୍ଥାଙ୍କ ଉପରେ ନ୍ୟସ୍ତ କରାଗଲା । ସେମାନଙ୍କର ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟ ଜିଲ୍ଲା ପଶୁଧନ ବିଭାଗ ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ, ପୁରୀ/ ପୌରସଂସ୍ଥା, ପୁରୀ/ ଜିଲ୍ଲା ପଶୁଧନ ଅଧିକାରୀ)*

**୧୯. ଅସୁରକ୍ଷିତ କୋଠା ଚିହ୍ନଟ:**

ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ କୋଠାଘରର ଛାତ ଗୁଡିକୁ ଆରକ୍ଷୀ ଅଧିକ୍ଷକ, ପୁରୀ, ନିର୍ବାହୀ ଅଧିକାରୀ, ପୁରୀ, ପୌରସଂସ୍ଥା, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ତହସିଲଦାର, ପୁରୀ ମିଳିତ ଭାବେ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ଅସୁରକ୍ଷିତ କୋଠା ଗୁଡିକୁ ସିଲ ଭାଙ୍ଗିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ ନିର୍ବାହୀ ଅଧିକାରୀ, ପୌରସଂସ୍ଥା/ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ /ତହସିଲଦାର, ପୁରୀ)*

**୨୦. ଅନ୍ୟାନ୍ୟ:**

(କ) ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କୁ ବ୍ୟାଙ୍କସେବା ଯୋଗାଇବା ତଥା ଏ.ଟି.ଏମ୍. କାଉଣ୍ଟର ଗୁଡିକର ସୁବିଧା ଉପଲବ୍ଧ ହେବା ନିମନ୍ତେ ଲିଡ୍ ବ୍ୟାଙ୍କ ମ୍ୟାନେଜର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ।

(ଖ) ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଆଦି ଯାତ୍ରା ଉପଲକ୍ଷେ ପୁରୀ ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଦ ଦୋକାନ ଗୁଡିକୁ ପୂର୍ବବର୍ଷ ମାନଙ୍କ ପରି ବନ୍ଦ ରଖିବା ପାଇଁ ଅବକାରୀ ଅଧିକ୍ଷକ, ପୁରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିଶା ଦ୍ରବ୍ୟ ବିକ୍ରୟକୁ ନିଷିଦ୍ଧ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ତତ୍ ସଂଗେ ସଂଗେ ସହର ମଧ୍ୟରେ ଥିବା Fast food ଦୋକାନରେ ମଦ୍ୟପାନକୁ ନିଷିଦ୍ଧ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

(ଗ) ପୁରୀ ସହରରେ ଥିବା ବରଫ ଫ୍ୟାକ୍ଟ୍ରି ଗୁଡିକରୁ ଆମୋନିଆଗ୍ୟାସ୍ ନିର୍ଗମିତ ସମ୍ବନ୍ଧେ ସଂପୃକ୍ତ ଅଧିକାରୀ ପ୍ରମାଣ ପତ୍ର ଦାଖଲ କରିବେ ।

(ଘ) ରଥଯାତ୍ରା ନିମନ୍ତେ ଆବଶ୍ୟକୀୟ ଅଗ୍ନିଶମ ଗାଡି ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ତୀର୍ଥ ପୁଷ୍କରିଣୀ ସମୁଦ୍ରକୂଳ ନିକଟରେ ଉଦ୍ଧାର କାର୍ଯ୍ୟ ପାଇଁ ଉଦ୍ଧାରକାରୀ ଦଳ, ଲାଇଫ୍ ଗାର୍ଡ ମୁତୟନ କରାଯିବ । ପ୍ରଚଣ୍ଡ ରୌଦ୍ର ତାପରୁ ଯାତ୍ରୀମାନଙ୍କ ରକ୍ଷାନିମିତ୍ତ ଥଣ୍ଡାଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ।

(ଙ) ସମସ୍ତ ବିଭାଗୀୟ ଅଧିକାରୀ ରଥଯାତ୍ରା ସମୟରେ ନିଜ ନିଜ କାର୍ଯ୍ୟାଳୟରେ **Control Room** କରିବେ ଏବଂ ଟାଉନ୍ ଥାନା **Integreted Control Room** ରେ ନିଜ ବିଭାଗୀୟ ବ୍ୟକ୍ତି ବିଶେଷଙ୍କୁ ଅବସ୍ଥାପିତ କରିବେ । ଏହି **Control Room** ଦିବାରାତ୍ର କାର୍ଯ୍ୟକରିବ ।

(ଚ) ବଡ଼ଦାଣ୍ଡରୁ ପୋଡା ଦୀପ, ଛିଣ୍ଡାଚପଲ ଇତ୍ୟାଦିକୁ ତୁରନ୍ତ ସଫାକରିବା ନିମନ୍ତେ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

(ଛ) ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଲଗାଯାଇଥିବା ହୋର୍ଡିଂ ଗୁଡିକୁ ତୁରନ୍ତ ହଟାଯିବା ପାଇଁ ପୁରୀ ପୌରସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ/ ପୁରୀ ପୌରସଂସ୍ଥା/*
*ଲିଡ୍ ବ୍ୟାଙ୍କ ମ୍ୟାନେଜର/ ଅବକାରୀ ଅଧିକ୍ଷକ, ପୁରୀ)*

ପରିଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ଚଳିତ ବର୍ଷର ଘୋଷଯାତ୍ରାରେ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷ ନିର୍ବିଘ୍ନ ଭାବରେ କାର୍ଯ୍ୟ ସମାପନ କରିବା ପାଇଁ ଯତ୍ନବାନ ହେବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ପରାମର୍ଶ ଦେବା ସହ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ଅରବିନ୍ଦ କୁମାର ଅଗ୍ରୱାଲ

।। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ।।

Revenue Divisional Commissioner
Central Division
Cuttack

ଜ୍ଞାପକ ସଂଖ୍ୟା ୨୩୯/ସାଓବି. ତା ୨୪.୪.୨୦୧୮

ଏହାର ଏକକିତା ନକଲ ସଚିବ, ରାଜ୍ୟସରକାରଙ୍କ ବିଧି ବିଭାଗ/ ରାଜସ୍ୱ ବିଭାଗ/ ଘରୋଇ ବିଭାଗ/ ଅର୍ଥ ବିଭାଗ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ / ଗୃହ ଓ ନଗର ଉନ୍ନୟନ ବିଭାଗ/ ନିର୍ମାଣ ବିଭାଗ/ ଖାଦ୍ୟ ଓ ଯୋଗାଣ ବିଭାଗ/ ଜଙ୍ଗଲ ଓ ପରିବେଶ ବିଭାଗ/ ଶକ୍ତି ବିଭାଗ/ ପରିବହନ ବିଭାଗ/ ସୂଚନା ଓ ଲୋକସଂପର୍କ ବିଭାଗ/ ସାଂସ୍କୃତିକ ବିଭାଗ/ ପର୍ଯ୍ୟଟନ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ 24.04.18

ଜ୍ଞାପକ ସଂଖ୍ୟା ୨୪୦/ସାଓବି. ତା ୨୪.୪.୨୦୧୮

ଏହାର ଏକକିତା ନକଲ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ/ ସଚିବ ରାଜସ୍ୱ ପର୍ଷଦ, ଓଡିଶା, କଟକ/ ଆରକ୍ଷୀ ମହାନିରୀକ୍ଷକ, ଓଡ଼ିଶା/ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଭୁବନେଶ୍ୱର/ ନିର୍ଦ୍ଦେଶକ, ଗୃହ ଓ ନଗରଉନ୍ନୟନ ବିଭଗ ଓଡ଼ିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ 24.04.18

ଜ୍ଞାପକ ସଂଖ୍ୟା ୨୪୧/ସାଓବି. ତା ୨୪.୪.୨୦୧୮

ଏହାର ଏକକିତା ନକଲ ଚେୟାରମ୍ୟାନ, ଗ୍ରୀଡ଼କୋ, ଭୁବନେଶ୍ୱର/ମୁଖ୍ୟ ନିର୍ବାହୀ ଅଧିକାରୀ, ସେସ୍‌କୋ, ଭୁବନେଶ୍ୱର/ ମହାଡ଼ାକପାଳ, ଓଡ଼ିଶା, ଭୁବନେଶ୍ୱର/କମିଶନର, ରେଲୱେ କୋଡ଼ିନେସନ, ଭୁବନେଶ୍ୱର/ପରିବହନ କମିଶନର, କଟକ/ ନିର୍ଦ୍ଦେଶକ, ପର୍ଯ୍ୟଟନ ଭୁବନେଶ୍ୱର/ ସଂସ୍କୃତି ବିଭାଗ ଭୁବନେଶ୍ୱର/ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର/ମୁଖ୍ୟଯନ୍ତ୍ରୀ ସଂସ୍କୃତି ବିଭାଗ, ଭୁବନେଶ୍ୱର/ ଜନସ୍ୱାସ୍ଥ୍ୟ ଓଡ଼ିଶା ଭୁବନେଶ୍ୱର/ମୁଖ୍ୟ ବନନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର/ସିନିୟର ଜେନେରାଲ ମ୍ୟାନେଜର, ସେଣ୍ଟ୍ରାଲ ଡିଷ୍ଟ୍ରିବ୍ୟୁସନ, ଗ୍ରୀଡ୍‌କୋ, ଭୁବନେଶ୍ୱର/ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ତଥା ଅତିରିକ୍ତ ସଚିବ,-ପଞ୍ଚାୟତିରାଜ ବିଭାଗ ଓଡ଼ିଶା/ନିର୍ଦ୍ଦେଶକ, ଦୂରଦର୍ଶନ/ନିର୍ଦ୍ଦେଶକ, ଆକାଶବାଣୀ, କଟକ/ ଏଣ୍ଡାମେଣ୍ଟ କମିଶନର, BBSR/ ମେୟର ସେଚ୍ଛାସେବୀ ଓ ଡବ୍ଲୁ ଏସ୍.ଏସ୍.ବି / Dy.Comission, St. Johu Ambulance/ ପ୍ରକଳ୍ପ ନିର୍ଦ୍ଦେଶକ, NHAT odisha/Executive Director, ଓଡିଶା ଡେଭେଲପମେଣ୍ଟ ମାର୍କେଟିଙ୍ଗ ସୋସାଇଟି, BBSR ପରିଚାଳନା ନିର୍ଦ୍ଦେଶକ ଓଡ଼ିଶା ସଡ଼କ ପରିବହନ ନିଗମ, କଟକ/ଜିଲ୍ଲାପାଳ, ନୟାଗଡ଼/ ମୁଖ୍ୟ ଅଗ୍ନିଶମ ଅଧିକାରୀ, କଟକ/ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଭୁବନେଶ୍ୱର/ଡିଭିଜିନାଲ ମ୍ୟାନେଜର, ଦକ୍ଷିଣପୂର୍ବ ରେଳପଥ, ଖୋର୍ଦ୍ଧା / ଅଧିକ୍ଷକ, ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର/ଉପଖଣ୍ଡ ବନଅଧିକାରୀ ଖୋର୍ଦ୍ଧା/ନୟାଗଡ଼/ ବୌଦ୍ଧଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ 24.04.18

ଜ୍ଞାପକ ସଂଖ୍ୟା ...୦୬୨.../ ସାଓବି. ତା ...୨୬.୪.୨୦୧୯...

ଏହାର ଏକକିତା ନକଲ ଶ୍ରୀ ଶ୍ରୀ ଗଜପତି ମହାରାଜ, ପୁରୀ / ମୁଖ୍ୟ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ, ଆରକ୍ଷୀ ଅଧିକ୍ଷକ, ପୁରୀ / ପ୍ରୋଜେକ୍ଟ ଡାଇରେକ୍ଟର, ଡି.ଆର୍.ଡି.ଏ., ପୁରୀ/ ଏକ୍‌ଜିକ୍ୟୁଟିଭ୍ ଅଫିସର, ପୁରୀ ମ୍ୟୁନିସିପାଲିଟି, ପୁରୀ/ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ/ ପ୍ରଶାସକ (ନୀତି), ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ / ଉପ-ଜିଲ୍ଲାପାଳ, ପୁରୀ/ ଉପଖଣ୍ଡ ବନ ଅଧିକାରୀ (ବନ୍ୟଜନ୍ତୁ), ପୁରୀ/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ/ ମାଜିଷ୍ଟ୍ରେଟ-ଇନ୍-ଚାର୍ଜ, ଲଜିଂ ହାଉସ୍ ଫଣ୍ଡ, ପୁରୀ/ ଅବକାରୀ ଅଧିକ୍ଷକ, ପୁରୀ/ ତହସିଲଦାର, ପୁରୀ/ ମ୍ୟାନେଜର ଲିଡ୍ ବ୍ୟାଙ୍କ, ପୁରୀ/ ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ମ୍ୟୁନିସିପାଲଟି/ ଡି.ପି.ସି. ସର୍ବଶିକ୍ଷା ଅଭିଯାନ, ପୁରୀ/ ସରକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ, ପୁରୀ / ସଂସ୍କୃତି ଅଧିକାରୀ, ପୁରୀ / ପରିବହନ ଅଧିକାରୀ, ପୁରୀ/ ଜେନେରାଲ ମ୍ୟାନେଜର ଡି.ଆଇ.ସି., ପୁରୀ/ ସି.ଡି.ଏମ୍.ଓ., ପୁରୀ / ସହକାରୀ ଅଗ୍ନିଶମ ବିଭାଗ, ପୁରୀ / ସି.ଏସ୍.ଓ., ପୁରୀ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ/ ନିର୍ବାହୀ ଯନ୍ତ୍ରୀ ଡ୍ରେନେଜ୍ / ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ ନିର୍ବାହୀ ଯନ୍ତ୍ରୀ ଗ୍ରାମାଞ୍ଚଳ ଯୋଗାଣ ଓ ପରିମଳ, ପୁରୀ/ ସିନିୟର ସୁପରିଟେଣ୍ଡେଣ୍ଟ ପୋଷ୍ଟ ଅଫିସ୍, ପୁରୀ / ଷ୍ଟେସନ ଡାଇରେକ୍ଟର, ପୁରୀ ରେଲୱେ, ପୁରୀ / ଉପଖଣ୍ଡ ଅଧିକାରୀ ଜି.ଇ.ଡି., ପୁରୀ / ଉପଖଣ୍ଡ ଅଧିକାରୀ, ଟେଲିଫୋନ୍, ପୁରୀ/ ଡିଭିଜିଓନାଲ ଟେଲିକମ୍ ଇଞ୍ଜିନିୟର, ପୁରୀ / ନିର୍ବାହୀ ଯନ୍ତ୍ରୀ, ସେସୁ, ପୁରୀ / ସଭାପତି ହୋଟେଲ ଆସୋସିଅସନ୍, ପୁରୀ / କମିଶନର ସ୍କାଉଟ୍ ଓ ଗାଇଡ୍, ପୁରୀ/କମାଣ୍ଡାଣ୍ଟ, ଏନ୍.ସି.ସି.,ପୁରୀ/ ପୋଗ୍ରାମ ଇଞ୍ଜିନିଅର ଆକାଶବାଣୀ, ପୁରୀ/ଆସିଷ୍ଟାଣ୍ଟ ଡାଇରେକ୍ଟର, ଦୂରଦର୍ଶନ, ପୁରୀ/ ସୁପରିଟେଣ୍ଡେଣ୍ଟ, ଟି.ବି. ଓ ଆଇ.ଡି. ହସପିଟାଲ, ପୁରୀ / ସେକ୍ରେଟାରୀ ପି.କେ.ଡି.ଏ. / ମୁଖ୍ୟ ଅଧିକାରୀ, ଡି.ଏସ୍.ଏମ୍.ଏସ୍, ପୁରୀ /କ୍ଷେତ୍ରପ୍ରଚାର ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ ୨୪.୦୪.୧୯

ଜ୍ଞାପକ ସଂଖ୍ୟା ...୦୬୩.../ ସାଓବି. ତା ...୨୬.୪.୨୦୧୯...

ଏହାର ଏକକିତା ନକଲ ଡିଷ୍ଟ୍ରିକ୍ ଇନଫରମାଟିକ୍ ଅଫିସର, ଏନ୍.ଆଇ.ସି., ପୁରୀଙ୍କୁ ପ୍ରେରଣ କରାଯାଇ ୱେବସାଇଟରେ ପରିବେଷଣ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ ୨୪.୦୪.୧୯